## ବାଇକ ଆରୋହୀଙ୍କୁ ଆକ୍ରମଣ ଘଟଣା, ୩ଗିରଫ

ବଲାଙ୍ଗୀର ଅଫିସ-ବଲାଙ୍ଗୀର ସହର ପୋଲିସ କଲୋନୀ ନିକଟରେ ଜଣେ ହୋମଗାର୍ଡ ଓ ଅନ୍ୟ ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଟାଉନ୍ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଇନ୍ଦିରା ନଗରର ଟିଙ୍କୁ ଓରଫ୍ ସୁରଜ ପରିଡା (୨୨), କାହ୍ନା ପରିଡା (୨୦) ଓ ଶମ୍ଭୁ ସେଠ୍ (୨୦)। ଏମାନଙ୍କଠାରୁ ରକ୍ତଦାଗ ଷ୍ଟିଲ କଟୁରୀ, ଏକ ଛୁରୀ ଓ ଏକ ଟାଙ୍ଗିଆ ଜବତ ହୋଇଛି। ଗତ ସୋମବାର ରାତି ପ୍ରାୟ ୧୦ଟାରେ ହୋମଗାର୍ଡ ପ୍ରହ୍ଲାଦ ମିଶ୍ର (୩୭), ଜଗ୍ୟତା ଯୋଷୀ (୨୬) ଓ ସନ୍ତୋଷ ସାହୁ (୨୮) ଏକ ବାଇକ୍‌ରେ ଯାଉଥିବାବେଳେ ଏମାନେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

## ସଂକ୍ଷେପରେ

### ମନ୍ଦିରା ଡ୍ୟାମ୍‌ର ୬ ଗେଟ୍ ଖୋଲିଲା

**ରାଉରକେଲା ଅଫିସ, ୨୨।୮:** ଝାଡ଼ଖଣ୍ଡ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ରାଉରକେଲା ଦେଇ ଆସିଥିବା ଶଙ୍ଖ ଏବଂ କୋଏଲ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ମନ୍ଦିରା ଡ୍ୟାମ୍‌ର ୧୧ଟି ଗେଟ୍ ମଧ୍ୟରୁ ୬ଟି ଗେଟ୍ ଖୋଲାଯାଇଛି। ଗେଟ୍ ଖୋଲିବା ପରେ ବ୍ରାହ୍ମଣୀ ନଦୀର ଜଳସ୍ତର ମଧ ବୃଦ୍ଧି ପାଇଛି। ତେବେ ମନ୍ଦିରା ଡ୍ୟାମ୍‌ରୁ ପାଣି ଛଡ଼ାଯାଇଥିବାରୁ ବ୍ରାହ୍ମଣୀ ନଦୀ ତଳ ମୁଣ୍ଡରେ ରହୁଥିବା ଲୋକମାନଙ୍କୁ ସତର୍କ କରାଯାଇଛି। ସୂଚନାଯୋଗ୍ୟ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ନିର୍ମିତ ଏହି ଡ୍ୟାମ୍‌ର ପାଣି ଇସ୍ପାତ କାରଖାନାର ଉତ୍ପାଦନ ଲାଗି ବ୍ୟବହାର କରାଯାଇଥାଏ।

### କରୋନା ଆକ୍ରାନ୍ତ ଆରଜିଏଚ୍ ଡାକ୍ତର ଆଖି ବୁଜିଲେ

**ରାଉରକେଲା ଅଫିସ, ୨୨।୮:** ରାଉରକେଲା ସରକାରୀ ହସ୍ପିଟାଲର ଜଣେ ଡାକ୍ତରଙ୍କ କରୋନାରେ ସଂକ୍ରମିତ ହେତୁ ମୃତ୍ୟୁ ଘଟିଛି। ଅବସର ପରେ ପୁଣି ଥରେ ନିଯୁକ୍ତି ପାଇ ସେ ଆରଜିଏଚ୍ ବର୍ହିବିଭାଗରେ କାର୍ଯ୍ୟରତ ଥିଲେ। ୪ ଦିନ ପୂର୍ବେ ନମୂନା ପରୀକ୍ଷାରୁ ସେ କରୋନା ପଜିଟିଭ ବୋଲି ଜଣାପଡିଥିଲା। ଏହା ପରେ ତାଙ୍କୁ ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଛି । ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ, ଆରଏମସି କମିଶନର ଦିବ୍ୟଜ୍ୟୋତି ପରିଡ଼ା ଓ ଡାକ୍ତରମାନେ ଏହି ସମୟରେ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍ ଲାଇନ ଅନୁସାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ରେଢାଖୋଲ,୨୨।୮(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢାଖୋଲ ନିକଟ ଚାରମାଳ ଥାନା ଭାଲୁଟୁଆ ଗ୍ରାମ ନିକଟରେ ଶନିବାର ଅପରାହ୍ନ ୪ଟା ବେଳେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍ ଚାଳକ କିସିଣ୍ଡା ଥାନା ଅଧୀନ ମଣ୍ଡୁଆମ ଗ୍ରାମର ସୁଜିତ ନାୟକ (୨୫) ଗୁରୁତର ହୋଇଛନ୍ତି। ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁର୍ଲା ଭିମସାର ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ହେଲେ ତାଙ୍କ ପରିବାର ଲୋକେ ଆସି ନ ଥିବାରୁ ରାତି ୮ଟା ପର୍ଯ୍ୟନ୍ତ ବୁର୍ଲା ନିଆଯାଇ ପାରିନାହିଁ।

### ଛୁରା ମାରି ଟଙ୍କା ଲୁଟ୍, ୨ ଗିରଫ

**ସମ୍ବଲପୁର,୨୨।୮(ବ୍ୟୁରୋ):** ସମ୍ବଲପୁର ଟାଉନ ଥାନା ଚେରୁଆପଡାରେ ଛୁରା ଅକ୍ରମଣ କରି ଲୁଟ୍ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦିନେଶ ନେପାକ (୨୫), ଶିବ ଡୋରା(୨୮)। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୩୩ହଜାର ୧ଶହ ଟଙ୍କା, ୨ମୋବାଇଲ, ଗୋଟିଏ ଲ୍ୟାପଟପ ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଦୋବଶିଷ ମିସ୍ତ୍ରୀ ନାମକ ଯୁବକ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଅକ୍ରମଣ କରିଥିଲେ। ପରେ ତାଙ୍କ ପାଖରେ ଥିବା ୪୦ ହଜାର ଟଙ୍କା ଓ ଲ୍ୟାପଟପ ଲୁଟି ନେଇଥିଲେ । ଏହାକୁ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ୪ ଟିମ୍ ଗଠନ କରିଥିଲା ।

# ସମୟ ବଦଳୁଛି, ବଦଳିନି ପରମ୍ପରା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ସମୟ ବଦଳୁଥିଲେ ମଧ୍ୟ ଏହି ଗଣପର୍ବର ପରମ୍ପରା ବଜାୟ ରହିଛି। ଇଷ୍ଟଦେବୀଙ୍କୁ ଅର୍ପଣ ପରେ ବିଭିନ୍ନ କିସମର ପତ୍ରରେ ନବାନ୍ନ ଭକ୍ଷଣଠାରୁ ଗୋ ପୂଜା, ଧାନକ୍ଷେତକୁ ଯାଇ ପୂଜାର୍ଚ୍ଚନା, ଜୁହାର୍ ଭେଟ୍ ଆଦି ପୂର୍ବଭଳି ଚାଲୁ ରହିଛି। ସେହିପରି ପରିବାରଠାରୁ ଗାଁ ଲୋକଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି ନୂଆଁଖାଇ। ଆଧୁନିକତାର ସ୍ପର୍ଶରେ ସେଦିନର କୁସ୍ତି, କସରତ, କବାଡ଼ି, କସାଡ଼ି, ଗୁଡୁଖେଳ ଆଦି ଲୁପ୍ତପ୍ରାୟ ହୋଇଛି। ହେଲେ କବିଙ୍କ କବିତା, କଳାକାରଙ୍କ ଅଭିନୟ ଆଜି ବି ତାକୁ ବଞ୍ଚାଇ ରଖିଛି। ନୂଆଁଖାଇ ଅବସରରେ ଆମେ କିଛି କବି ଓ କଳାକାରଙ୍କୁ ଭେଟିଥିଲୁ। ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା।

### ହଜିବ ନାହିଁ ପରମ୍ପରା



ଭାଷା, କଳା, ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବାରେ କବିମାନଙ୍କ ପ୍ରମୁଖ ଭୂମିକା ରହିଛି। ନଚେତ୍ ସେସବୁ ଲୋପ ପାଇଯାଆନ୍ତା। ନୂଆଖାଇ ପରମ୍ପରା ଆଜି ରହିଛି, ଆଗକୁ ରହିଥିବ। ପୂର୍ବବତ୍ ଇଷ୍ଟଦେବୀଙ୍କ ପୂଜା ଚାଲିଛି। କେବଳ ଏତିକି ତଫାତ୍ ଏଥର କରୋନା ମହାମାରୀ ପାଇଁ ଆଗଭଳି ଜାକଜମକ ନାହିଁ। କିନ୍ତୁ ଦେଶ, ବିଦେଶରେ ଆଜି ମଧ୍ୟ ନୂଆଁଖାଇକୁ ନେଇ ଚର୍ଚ୍ଚା ଚାଲିଛି। ନୂଆଁଖାଇ ଅବ୍ୟବହିତ ପୂର୍ବରୁ ଚଳିତ ସପ୍ତାହରେ ଦୁବାଇ, ବାଙ୍ଗାଲୋର୍‌ରେ ହୋଇଥିବା ଭର୍ଚୁଆଲ ନୂଆଁଖାଇ ଆଲୋଚନାରେ ଭାଗ ନେଇ ସାରିଛି। ଆସନ୍ତା ୩୧ତାରିଖରେ ଆମେରିକାରେ ହେବାକୁ ଥିବା ଅନୁରୂପ ଆଲୋଚନାଚକ୍ରରେ ଭାଗ ନେବି। ବିଦେଶରେ ରହିଥିଲେ ମଧ୍ୟ ଆମ ଲୋକଙ୍କ ପାଖରେ ନୂଆଁଖାଇ ଉତ୍ସାହ ଭରି ରହିଛି।

—ପଦ୍ମଶ୍ରୀ ହଳଧର ନାଗ, କବି

### ନୂଆଁଖାଇରୁ ବାଦ୍ ପଡ଼ିନି କଳାକାର



ନୂଆଁଖାଇ ପରମ୍ପରା ବଜାୟ ରଖିଛି, ଯେତେ ଯାହା ହେଲେ ମଧ୍ୟ ଏହି ପରମ୍ପରା ବନ୍ଦ ହେବନାହିଁ। କରୋନା କଟକଣା ଯୋଗୁ ସାମାଜିକ ଦୂରତା ରଖି ଏଥର ନୂଆଁଖାଇ ପାଳନ କରିବୁ। ଇଷ୍ଟଦେବୀଙ୍କୁ ପୂଜାପାଠ କରି କୁରେଇ ପତ୍ରରେ ନବାନ୍ନ ଭକ୍ଷଣ କରିବୁ। କଳାକାର ଜୀବନରେ ସବୁ ସହିଛି। ଅଭାବ ଅନଟନରେ ଥିଲେ ମଧ୍ୟ ପରମ୍ପରାକୁ ବଞ୍ଚାଇ ରଖିଛି। ନିଜ ଅଭିନୟରେ ମଧ୍ୟ କଳାକାର ଲୁପ୍ତପ୍ରାୟ ପରମ୍ପରାକୁ ଉଜ୍ଜୀବିତ କରୁଛି। ଆଉ ନିଜର ମହାନ୍ ପର୍ବ ନୂଆଁଖାଇର ପରମ୍ପରାକୁ ସବୁଦିନ ସାଇତି ତଥା ଜୀବିତ ରଖିବାରେ କଳାକାର କିଭଳି ବାଦ୍ ପଡ଼ିବ।

—ଭୁବନେଶ୍ୱର ପ୍ରଧାନ, କଂସ ଅଭିନେତା

### ସୁଯୋଗ ହାତଛଡ଼ା କରିବା ଠିକ୍ ନୁହେଁ



କିଛିଟା ପରିବର୍ତ୍ତନ ହୋଇଛି। ହେଲେ ପରମ୍ପରା ରହିଛି। ତାକୁ ବଜାୟ ରଖିବା କଥା। ପୁରୁଣା ପରମ୍ପରାକୁ ଯେଭଳି ପୁଣି ଫେରି ପାଇବା, ସେଥିପ୍ରତି ସମ୍ମିଳିତ ଉଦ୍ୟମ ଲୋଡ଼ା। ଆଉ ନୂଆଁଖାଇ ଏଭଳି ଏକ ପର୍ବ, ଯାହାକି କେବଳ ଭାଇଚାରା ନୁହେଁ, ପରମ୍ପରା ଅକ୍ଷୁର୍ଣ୍ଣ ରଖିବାର ବିଚାର ପାଇଁ ସୁଯୋଗ ଆଣିଦିଏ। ଏହାକୁ ହାତଛଡ଼ା କରିବା ଠିକ୍ ନୁହେଁ। ନୂଆଁଖାଇ ଆସିଲେ ନୂଆ ଧାନକୁ ଯେଭଳି ଗୁରୁତ୍ୱ ଦେଉଛୁ, ସେଭଳି ନୂଆଁଖାଇ ପରମ୍ପରାକୁ ଗୁରୁତ୍ୱ ଦେବା ଦରକାର। କବି, କଳାକାର ଏଥିପାଇଁ ସବୁବେଳେ ଉଦ୍ୟମ କରି ଆସିଛନ୍ତି।

—ସୁଶୀଲ ବୁଧିଆ, କବି

ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼



**ନୂଆଁଖାଇ ପସରା :** ବରଗଡ଼ ସହର ଥାନା ଛକରେ ଲୋକେ ନୂଆଁଖାଇ ପାଇଁ ନୂଆ ଧାନ କିଣୁଛନ୍ତି ।

# ନିଯୁକ୍ତି ନ ମିଳିବାରୁ ଯୁବକଙ୍କ ଅନଶନ

**ଲୋଇସିଂହା,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା-ପଦ୍ମପୁର ରାସ୍ତାର କେନ୍ଦମୁଣ୍ଡି ଛକ ନିକଟରେ ଏକ ବିଦ୍ୟୁତ୍ ସବ୍ ଗ୍ରୀଡ୍ ସ୍ଥାପନ କରାଯାଇଛି। ଝରଣୀପାଲି ଗ୍ରାମର ଜୟନ୍ତ ପୋଢଙ୍କ ରୟତି ଜମିକୁ ଜବର ଦଖଲ କରି ଏହି ଗ୍ରୀଡ୍ ନିର୍ମାଣ ହୋଇଛି। ହେଲେ ତାଙ୍କୁ ଗ୍ରୀଡ୍‌ରେ ଥଇଥାନ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଜୟନ୍ତ ଗତ ୧୫ ତାରିଖଠାରୁ ଗ୍ରୀଡ୍ ସମ୍ମୁଖରେ ଅନଶନ ଜାରି ରଖିଛନ୍ତି। ହେଲେ ବିଭାଗୀ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କେହି ଆସି ନ ଥିବା ସେ ପ୍ରକାଶ କରିଛନ୍ତି।

ଆଗଲପୁର ବ୍ଲକ୍ ଝରଣୀପାଲି ଗ୍ରାମର ଜୟନ୍ତ ପୋଢଙ୍କ ବାପା ଫକିର ଚରଣ ପୋଢଙ୍କ ଏହି ରୟତି ଚାଷ ଜମି ଲୋଇସିଂହା-ପଦ୍ମପୁର ରାସ୍ତା କଡ କେନ୍ଦୁମୁଣ୍ଡି ଛକରେ ରହିଛି। କେନ୍ଦୁମୁଣ୍ଡି ଗ୍ରାମର ଗୋଚର ଜମି ସଂଲଗ୍ନ ତଥା ଝରଣିପାଲି ମୌଜାର ଫକିରଙ୍କ ପୈତୃକ ରୟତି ଜମିରେ ୪ ବର୍ଷ ତଳେ ଗ୍ରୀଡ ପାଇଁ ପାଚେରି ଓ ବିଲ୍ଡିଂ କାମ ଆରମ୍ଭ ହୋଇଥିଲା। ସେତେବଳେ ଜବରଦସ୍ତ ମୁଗଚାଷ ନଷ୍ଟ କରି ନିର୍ମାଣ କାମ କରାଯାଇଥିଲା। ଜୟନ୍ତ ପ୍ରତିବାଦ କରିଥିଲେ। ହେଲେ ନିର୍ମାଣକାରୀସଂସ୍ଥା ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ କାମ କରିଥିଲା। ପରବର୍ତ୍ତୀ ସମୟରେ ଜୟନ୍ତ ଆଗଲପୁର ତହସିଲଦାରଙ୍କଠାରେ ଡିମାରକେସନ ପାଇଁ ଆବେଦନ କରିଥିଲେ। କ୍ଷତିପୂରଣ ମାଗିବା ସହ ଥଇଥାନ ଲାଗି ବିଦ୍ୟୁତ୍ ବିଭାଗକୁ ନିବେଦନ କରିଥିଲେ। ଜିଲାପାଳଙ୍କୁ ମଧ ଅବଗତ କରିଥିଲେ। ହେଲେ କେହି ତାଙ୍କ କଥା ଶୁଣିଲେ ନାହିଁ। ଏବେ ଗ୍ରୀଡ୍‌ରେ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଜମି ହରାଇଥିଲେ ସୁଦ୍ଧା ଏଥିରୁ ସେ ବଞ୍ଚିତ ରହିଛନ୍ତି। ଏଣୁ ଏହାର ପ୍ରତିବାଦରେ ଅନଶନ କରୁଥିବା କହିଛନ୍ତି।

**ରୟତି ଜମିରେ ଗ୍ରୀଡ୍ ନିର୍ମାଣ**




ଧାରଣାରେ ଜୟନ୍ତ ପୋଢ ବସିଛନ୍ତି।

# ୮ଶହ ପରିବାରକୁ ନୂଆଁଖାଇ ସାମଗ୍ରୀ ପ୍ରଦାନ

**ଦେଓଗାଁ,୨୨।୮(ଡି.ଏନ.ଏ.)**

ଚଳିତ ବର୍ଷ ମହାମାରୀ କରୋନା କଟକଣା ଯୋଗୁ ନୂଆଁଖିର ଉତ୍ସାହ ପରିଲକ୍ଷିତ ହେଉନାହିଁ। ଅନେକ ପରିବାର ରୋଜଗାର ହରାଇ ପରିବାର ପୋଷଣ ଚିନ୍ତାରେ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତର ସରପଞ୍ଚ କୁଶମଣି ମେହେରଙ୍କ ମା' ସୁବିଧା ମେହେର ଆଖପାଖ କେତେକ ପ୍ରଭାବିତ ପରିବାରକୁ ନୂଆଁଖାଇ ସାମଗ୍ରୀ ପ୍ରଦାନ କରିଛନ୍ତି। ସରପଞ୍ଚ ମେହେର କେତେକ ସହଯୋଗୀଙ୍କ ସହ ଜରାସିଂହା, ବରକାନୀ, ଚନ୍ଦ୍ରପୁର, ଜମାଦାରପାଲି ଓ ସିନ୍ଦିରାବାହାଲି ଆଦି ଗାଁର ୮ଶହ ପରିବାରକୁ ନୂଆଁଖାଇରେ ବ୍ୟବହୃତ ସାମଗ୍ରୀ କିଟ୍‌ବ୍ୟାଗ ବଣ୍ଟନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କଳିକେଶ

**ବଲାଙ୍ଗୀର ଅଫିସ, ୨୨।୮**

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

ବଲାଙ୍ଗୀର ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ପୂର୍ବତନ ଏମ୍‌ପି ତଥା ବରିଷ୍ଠ ବିଜେଡି ନେତା କଳିକେଶ ନାରାୟଣ ସିଂଦେଓ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଚିଠି ଲେଖି ଜିଲାରେ ନିହାତି କମ୍ ଜଳସେଚନ ସୁବିଧା ଥିବାରୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଜିଲା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେ ଉଲ୍ଲେଖ କରିଛନ୍ତି । ସ୍ଥାନୀୟ ରାଜନୈତିକ ପ୍ରତିରୋଧ, ପୁନର୍ବାସ ଓ ଥଇଥାନ ନୀତିରେ ତ୍ରୁଟି ଓ ଜିଲା ପ୍ରଶାସନର ଅବହେଳା ଯୋଗୁଁ ଏହି ପ୍ରକଳ୍ପ ବନ୍ଦ ପଡିଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଏଣୁ ସିଧାସଳଖ ହସ୍ତକ୍ଷେପ କରି ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୨୧୭ କୋଟି ଟଙ୍କାର ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ୧ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି । ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଏବେ ପ୍ରକଳ୍ପର ସ୍ପିଲୱେ କାମ ୭୦ ପ୍ରତିଶତ ସରିଥିବାବେଳେ ମାଟିବନ୍ଧ କାମ ପ୍ରାୟ ୫୦ ପ୍ରତିଶତ ସରିଛି। ପ୍ରକଳ୍ପ କାମ ଏବେ ବନ୍ଦ ହୋଇଥିବାରୁ ବ୍ୟୟ ଅଟକଳରେ ଅହେତୁକ ବୃଦ୍ଧି ହେବାରେ ଲାଗିଛି ।

# ସମିତି ସଭ୍ୟଙ୍କ ପରଲୋକ

**ଦେଓଗାଁ,୨୨।୮(ଡି.ଏନ.ଏ.)**

**ଶୋକସଭାରେ ସ୍ମୃତିଚାରଣ କଲେ ଶୁଭେଚ୍ଛୁ**



ସୁରେଶ କୁମାର ମେହେର

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତର ସମିତି ସଭ୍ୟ ତଥା ଯୁବନେତା ସୁରେଶ କୁମାର ମେହେରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୪ବର୍ଷ ବୟସ ହୋଇଥିଲା। ଚାରିଦିନ ତଳେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୁବନେଶ୍ୱରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସେ ଦେଓଗାଁ ବ୍ଲକ ଜରାସିଂହା କୃଷିସେବା ସମବାୟ ସମିତିର ସଭାପତି ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକଭାବେ କାର୍ଯ୍ୟ କରିଥିଲେ। ସାଲେପାଲି ପଞ୍ଚାୟତ ବଡଡୁଙ୍ଗୁରୀପାଲି ଗାଁରେ ଜନ୍ମିତ ସରୋଜ ମେହେର ପୂର୍ବତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ତଥା ବର୍ତ୍ତମାନର ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେରଙ୍କ ପୁତୁରା। ଶନିବାର ତାଙ୍କ ବିୟୋଗରେ ବ୍ଲକ କଂଗ୍ରେସ ତରଫରୁ ପପୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ପରଲୋକରେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଶୈଳେନ୍ଦ୍ର ସାହୁ, ବିଜେଡି ବ୍ଲକ ସଭାପତି ସୁଶୀଲ ଚାନ୍ଦ, ପୂର୍ବତନ ବ୍ଲକ ଅଧକ୍ଷ ବିଜୟ ସାହୁ, କୈଳାସ ତାଣ୍ଡି, ଦିଲୀପ ମହାନ୍ତି, ଉମାଶଙ୍କର ସିଂ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପ୍ରମୋଦ ବହିଦାର, ସମିତି ସଭ୍ୟ ଜନ୍ମେଜୟ ସାହୁ, ରାମଜୀ ଚୌଧୁରୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ୧୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୨୨।୮ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ଶନିବାର ସନ୍ଧ୍ୟା ସୁଦ୍ଧା ୬୧୯.୫୦ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧକୁ୩ଲକ୍ଷ ୧୩ହଜାର୭୧୯ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୬ଟି ଓ ବାମ ପାର୍ଶ୍ୱର ୧୨ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨ ଲକ୍ଷ ୮୦ ହଜାର ୩୫୧ କ୍ୟୁସେକ ଜଳ ନିଷ୍କାସନ ହେଉଛି । ମିଳିଥିବା ରିପୋର୍ଟ ଅନୁସାରେ, ବେଲଗାଁରେ ୪୭ ହଜାର ୪୦୦, ପଥର୍ଲାରେ ୧ ଲକ୍ଷ ୧୪ ହଜାର ୮୬୮, ଖଇରମାଳରେ ୪ ଲକ୍ଷ ୩୭ ହଜାର, ବରମୁଲାରେ ୪ ଲକ୍ଷ ୪୬ ହଜାର , ମୁଣ୍ଡଳୀରେ ୫ ଲକ୍ଷ ୩୦ ହଜାର ୬୨୯ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

# ନୂଆଖାଇ ତିହାରି ହାଟ୍ ଥି କରୋନା ଭୁଲିଗଲେ

**ବଲାଙ୍ଗୀର ଅଫିସ, ୨୨।୮**

କରୋନା ମହାମାରୀ ଭିତରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ତିହାର ଆସି ପହଞ୍ଚିଛି । ସାମାଜିକ ଦୂରତ୍ୱ ଓ କୋଭିଡ-୧୯ ନିର୍ଦ୍ଦେଶ ପାଳନ ଉପରେ ପ୍ରଶାସନ ବାରମ୍ବାର ତାଗିଦ କରୁଥିଲେ ମଧ ନୂଆଖାଇ ଅବ୍ୟବହତି ପୂର୍ବରୁ ତିହାରି ହାଟ୍‌ରେ କୋଭିଡ କଟକଣାକୁ ଲୋକେ ଭୁଲି ଯାଇଛନ୍ତି। ଶନିବାର ବଲାଙ୍ଗୀର ଡେଲିମାର୍କେଟ୍‌ରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଲୋକେ ନୂଆଁ କୁଡ଼ାଁର ଲାଗି ସରିଆଁ ଧାନ, କୁରେ ପତର, ନୂଆଁ ହାଣ୍ଡି, ଘନାଖାଡକି, ଦନାଖଲି, ପନିପରିବା କିଣୁଥିବା ଦେଖାଯାଇଥିଲା। ବଲାଙ୍ଗୀର ଜିଲାରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିଲେ ମଧ ନୂଆଖାଇ ଉତ୍ସାହ ପାଇଁ ଲୋକେ ସବୁକିଛି ଭୁଲି କରୋନା କଟକଣା ଉଲ୍ଲଂଘନ କରୁଥିବା ଦେଖାଯାଇଥିଲା। ଆଜି ଜିଲାରେ ପୁଣି ୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାର କରୋନା ସଂକ୍ରମଣ ସଂଖ୍ୟା ୧୩୧୧କୁ ବୃଦ୍ଧି ପାଇଛି । ଜିଲାର ଦୁଇଜଣ କରୋନାରେ ମୃତ୍ୟୁବରଣ କରିଥିବାବେଳେ ୫୪୨ ଜଣ ସକ୍ରିୟ ରହିଛନ୍ତି ଓ ୭୬୭ ଜଣ ସୁସ୍ଥ ହୋଇସାରିଥିବା ସୂଚନା ଦିଆଯାଇଛି ।



ନୂଆଖାଇ ପାଇଁ ବଲାଙ୍ଗୀର ଡେଲିମାର୍କେଟ୍‌ରେ ଲୋକେ ବିଭିନ୍ନ ସାମଗ୍ରୀ କିଣୁଛନ୍ତି।

# ୨ ଲକ୍ଷ ଟଙ୍କାର ଲୁଟ୍ ରାଶନ ସାମଗ୍ରୀ ଜବତ: ୭ ଗିରଫ

**ସୁନ୍ଦରଗଡ,୨୨।୮(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଏକ ଗୋଦାମରୁ ଗତ ୧୮ ତାରିଖରେ ଲୁଟ୍ ହୋଇଥିବା ପ୍ରାୟ ୨ ଲକ୍ଷ ଟଙ୍କାର ରାସନ ସାମଗ୍ରୀ ସ୍ଥାନୀୟ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ ହୋଇଛନ୍ତି। ଏମାନେ ହେଲେ ରାଜା ଓରଫ ଅବିନାଶ ଚୌଧୁରୀ, ସୋନୁ ଓରଫ ଅଫଜଲ ଖାନ୍, ମହମ୍ମଦ ଜାସିମ୍, ମହମ୍ମଦ ଆଖାର, ନେହେରୁ ଲାକ୍ରା, ରୋହିତ ଚୌଧୁରୀ ଓ ରଞ୍ଜିତ ସା। ଏଥିସହ ଏହି ଚୋରି ଘଟଣାରେ ବ୍ୟବହୃତ ୩ଟି ପିକ୍‌ଅପ୍ ଭ୍ୟାନ୍ (ଓଡି୧୪ୟୁ - ୧୭୮୮, ଓଡି-୧୪ଏନ୍ ୧୧୫୨, ଓଡି-୧୪ ୟୁ - ୬୨୩୭) କୁ ମଧ ପୋଲିସ ଜବତ କରିଛି। ରାଜଗାଙ୍ଗପୁର ସହରର ସୁବାସ ଛକରେ ଥିବା ଏହି ରାସନ ଗୋଦାମରେ ଘଟଣା ଦିନ ରାତିରେ ୭ଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ପଶିଥିଲେ। ରାତ୍ର ଜଗୁଆଳିଙ୍କୁ ମାରପିଟ କରି ଗୋଦାମରେ ଥିବା ତେଲ, ସାବୁନ୍ ଆଦି ପ୍ରାୟ ୨ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ୍ କରି ପିକ୍‌ଅପ୍ ଭ୍ୟାନ୍‌ରେ ବୋଝେଇ ଫେରାର ହୋଇଯାଇଥିଲେ। ଗୋଦାମ ମାଲିକ ଏ ସମ୍ପର୍କରେ ରାଜଗାଙ୍ଗପୁର ଥାନାରେ ରିପୋର୍ଟ କରିବା ପରେ ପୋଲିସ ମାମଲା (ନଂ.୨୨୭/୨୦) ରୁଜୁ କରିଥିଲା। ଆଇଆଇସି ଗୋକୁଳାନନ୍ଦ ସାହୁ ତଦନ୍ତ ଆରମ୍ଭ କରିଥିଲେ ବୋଲି ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ପରମ୍ପରାର ପ୍ରତୀକ 'ଗୁଁଡ଼ି ଲଗା'

ଧାନକୁ ଲୋକଗୀତ ଓ ଲୋକୋକ୍ତିରେ ନବରତ୍ନ ମଞ୍ଜି ଭାବେ ବର୍ଣ୍ଣନା କରାଯାଇଛି । ସକଳ ଶକ୍ତିର ଆଧାର ହିଁ ନବରତ୍ନ । ଦେବାଦେବୀ ଓ ପିତୃପୁରୁଷ ବି ଶକ୍ତିର ଆଧାର । ସେଥିପାଇଁ ପ୍ରଥମ ଶସ୍ୟର ଭୋଗକୁ ଆମେ ଦେବାଦେବୀ ଓ ପିତୃପୁରୁଷଙ୍କୁ ସମର୍ପଣ କଲା ପରେ ଗ୍ରହଣ କରିବା ବିଧି ରହିଛି । ପଶ୍ଚିମ ଓଡ଼ିଶାରେ କେବଳ ଯେ ଧାନକୁ ନେଇ ନୁହଁ , ଶିମ୍ବ , ଚାର , ଆମ୍ବ ଓ ମହୁଲକୁ ନେଇ ନୂଆଁ ଲଗାଇବାର ପରମ୍ପରା ଏଯାବତ ଗ୍ରାମରେ ରହି ଆସିଛି । ଗାଁର ଦେବାଦେବୀଙ୍କୁ ଏପରି ଅର୍ପଣ କରିବା ବିଧିକୁ 'ଗୁଁଡି ଲଗା' ମଧ୍ୟ କୁହାଯାଏ ।

**'ଚୂରାକୁଁଡା' ଭୋଗ:** ନୂଆଁଧାନକୁ ପରିବାରର କେହି ଜଣେ ନୂଆଁଖାଇ ଦିନ କିମ୍ବା ତାର ଦିନେ ଅଧେ ଆଗରୁ ଆଣିଥାନ୍ତି। ସ୍ନାନଶୌଚ ହୋଇ ସେହି ଧାନକୁ ପରିବାରର ମହିଳାମାନେ କଡେଇରେ ଭାଜିଥାନ୍ତି। ତା'ପରେ ଏହି ଭଜା ଧାନକୁ ଶିଳରେ ଶିଳପୁଆ ମଡେଇ ଗୁଣ୍ଡ କରାଯାଏ । ସେହି ଗୁଣ୍ଡକୁ ନୂଆ କୁଲାରେ ପାଛୋଡି ଚୂରାକୁଁଡା ବାହାର କରାଯାଏ । ସେଥିରେ ଗୁଆଘିଅ, କ୍ଷୀର, ଗୁଡ ଓ ମହୁ ଦେଇ ଗୋଳାଇବା ପରେ ଭୋଗ ପ୍ରସ୍ତୁତ ହୋଇଥାଏ । ଏହି ଭୋଗକୁ 'ଚୂରାକୁଁଡା' କୁହାଯାଏ। ବିଭିନ୍ନ ପତ୍ରରେ ଚୂରାକୁଁଡାକୁ ନିଜ ଘରର ଇଷ୍ଟଦେବୀ, ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ କ୍ଷେତରେ ମାଟିମାତାଙ୍କୁ ଲାଗି କରାଯାଏ। ଏହି ପରମ୍ପରା ଅରଣ୍ୟ ସଂସ୍କୃତି ସହ ମୃତ୍ତିକାର ଉର୍ଜସ୍ୱଳ ସମ୍ପର୍କକୁ ସୂଚୀତ କରେ ।

**ଗୁପ୍ତରେ ଆସେ ପାଣି:** ବିଭିନ୍ନ ଗ୍ରାମରେ ଝାଙ୍କର ( ଦେବୀପୀଠର ପୂଜକ)ନୂଆଁଖାଇ ଦିନ ପୂର୍ବରୁ ଦେବୀପୀଠରେ ନୂଆଁ ଲଗାଇଥାନ୍ତି। ବିଭିନ୍ନ ଗାଁ ଓ ଗୋଷ୍ଠୀ ଅନୁଯାୟୀ ଏନେଇ ନିର୍ଦ୍ଦିଷ୍ଟ ପରମ୍ପରା ପାଳିତ ହୋଇ ଆସୁଛି। କେତେକ ମତ୍ସ୍ୟଜୀବୀ ସମ୍ପୂର୍ଣ୍ଣ ନୂଆ ଧାନରେ କ୍ଷୀରି ପିଠା ଓ ଭୋଗ ପ୍ରସ୍ତୁତି କରି ତାଙ୍କ ଦେବାଦେବୀଙ୍କୁ ଅର୍ପଣ କରିଥାନ୍ତି। ଏହି ଭୋଗର ପ୍ରସ୍ତୁତି ପାଇଁ ପରିବାରର ମହିଳାମାନେ ନଦୀ କି ପୋଖରୀରୁ ପାଣି ରାତିରେ ଲୁଚାଇ ଆଣିଥାନ୍ତି। ନୂଆଁଖାଇର ପୂର୍ବ ଦିନରେ ଆବଶ୍ୟକ ହାଟବାଟ କରି ଗାଁ ଲୋକେ ଘରକୁ ଚାଉଳ, ଗୁଡ ଓ ବିଭିନ୍ନ ପନିପରିବା ଆଣିଥାନ୍ତି। ଏଇ ଅବସରରେ କୃଷିଜୀବୀମାନେ କୃଷି ଶ୍ରମିକମାନଙ୍କୁ ଅଡ଼ିଆ ଚାଉଳ ଦେବାର ବିଧି ମଧ୍ୟ କେତେକ ଗ୍ରାମାଞ୍ଚଳରେ ଏଯାବତ ରହିଛି । ଯେତେ ଦୂରବାଟରେ ଥିଲେ ବି ଗାଁକୁ ଫେରି ସାନଭାଇ ସହ ନୂଆଁ ଖାଇବା ପରମ୍ପରା ଅନାବିଳ ଭାବେ ଏଯାବତ ପାଳିତ ହୋଇ ଆସୁଛି।

ଜୀଁ ଜାଗିଥିଲେ ଫେର ବଛରେ ବୋଲି ନୂଆଁଖାଇ ପର୍ବରେ ଭେଟଘାଟ ହେଲାବେଳେ ଲୋକ ସ୍ୱତଃ କହିଥାନ୍ତି। ବାସ୍ତବରେ ଚଳିତ ବର୍ଷର କରୋନା ମହାମାରୀ ଏଇ ଉକ୍ତିକୁ ସ୍ପଷ୍ଟ କରିଛି ।

—ଆଦିତେଶ୍ୱର ମିଶ୍ର, କନ୍ଧମାଳ



